RNI No.ODIODI/2010/33031
୧୧ମ ବର୍ଷ Volume-11
ISSUE -253 ସଂଖ୍ୟା-୨୫୩
ଭୁବନେଶ୍ବର, ଗୁରୁବାର ୦୩, ଡିସେମ୍ବର ୨୦୨୦
Bhubaneswar, Thursday 03, December 2020
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ବାନ୍ଧବୀ ଶ୍ୱେତାଙ୍କୁ ବିବାହ କଲେ ଆଦିତ୍ୟ ନାରାୟଣ





# ୪ରେ ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବ




ଭୁବନେଶ୍ୱର, ୨।୧୨ (ନି.ପ୍ର.): ଆସନ୍ତା ୪ ତାରିଖରେ ଆଇଆଇଟି ଭୁବନେଶ୍ୱର ଏହାର ୯ମ ସମାବର୍ତ୍ତନ ଉତ୍ସବ କୋଭିଡ୍-୧୯ ନିୟମରେ ପାଳନ କରିବାକୁ ଯାଉଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡଃ. ରମେଶ ପୋଖରିଆଲ୍ ନିଶଙ୍କ ମୁଖ୍ୟ ଅତିଥି ଭାବେ ଅନଲାଇନନ ମାଧ୍ୟମରେ ଯୋଗଦାନ କରି ଉତ୍ସବକୁ ସମ୍ବୋଧିତ କରିବେ। ଶିକ୍ଷା ମନ୍ତ୍ରୀ (ରାଜ୍ୟ) ସଂଜୟ ଧୋତ୍ରେ ସମ୍ମାନୀୟ ଅତିଥି ଓ ଡଃ. ରାଜେନ୍ଦ୍ର ପ୍ରସାଦ ସିଂ ଅଧ୍ୟକ୍ଷତା କରିବେ ବୋଲି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଭି. ରାଜକୁମାର ସୂଚନା ଦେଇଛନ୍ତି। ଏହି ହାଇବ୍ରିଡ୍ ଉତ୍ସବଟି ଲାଇଭ୍ ଏବଂ ଭର୍ଚ୍ଚୁଆଲ୍ ଉଭୟ ଫର୍ମାଟରେ ଆୟୋଜନ କରାଯାଇ ୩୫ ଜଣ ପିଏଚ୍ଡି, ୧୪୧ ଜଣ ଏମ୍ ଟେକ୍, ୭୦ ଜଣ ସ୍ନାତକୋତ୍ତର ଏବଂ ୨୦୦ ଜଣ ବିଟେକ୍ ଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଶ୍ରେଷ୍ଠ ବିଟେକ୍ ସ୍ନାତକ ଭାବେ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ଛାତ୍ର ଆଦିତ୍ୟ ପାଲ ରାଷ୍ଟ୍ରପତିଙ୍କ ପ୍ରଦତ୍ତ ସ୍ୱର୍ଣ୍ଣ ପଦକ ପାଇବେ। ଏହାସହ ବିଭିନ୍ନ ପ୍ରକାର ନୂତନ ଭିତ୍ତିଭୂମି ମଧ୍ୟ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଥିବା ଶ୍ରୀ ରାଜକୁମାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ପ୍ରକାଶ ଥାଉକି, ସଂପ୍ରତି ଏହି ଅନୁଷ୍ଠାନର ୨୪୯୦ ବିଦ୍ୟାର୍ଥୀଙ୍କ ସହ ୧୪୩ ଜଣ ପୂର୍ଣ୍ଣକାଳୀନ ଅଧ୍ୟାପକ/ଅଧ୍ୟାପିକା ରହିଥିବା ଭୁବନେଶ୍ୱରର ନିର୍ଦ୍ଦେଶକ କହିଛନ୍ତି।